24 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜାନୁଆରୀ, ଶନିବାର ୨୦୧୯

ଦେଶର ସବୁଠାରୁ ଦାମୀ ସେଲିବ୍ରିଟି ମାନ୍ୟତା ପାଇଲେ କୋହଲି

ମୁମ୍ବାଇ

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଦେଶର ସବୁଠାରୁ ଦାମୀ ତାରକା ବା ସେଲିବ୍ରିଟିର ମାନ୍ୟତା ଲାଭ କରିଛନ୍ତି । ୨୦୧୮ କ୍ୟାଲେଣ୍ଡର ବର୍ଷରେ ବ୍ରାଣ୍ଡ କୋହଲିର ମୂଲ୍ୟ ପାଖାପାଖି ୧୨୦୦ କୋଟି ଟଙ୍କା ଥିଲା, ଯାହା ୨୦୧୭ ମସିହା ତୁଳନାରେ ୧୮ ପ୍ରତିଶତ ଅଧିକ ନଭେମ୍ବର ୨୦୧୮ ସୁଦ୍ଧା କୋହଲି ଏକାକି ୨୪ଟି ଉତ୍ପାଦର ବିଜ୍ଞାପନ କରୁଥିଲେ । ସେଥିପାଇଁ ସେ ଭାରତର ସବୁଠୁ ଦାମୀ ସେଲିବ୍ରିଟି ଥିଲେ ବୋଲି ଆର୍ଥିକ ପରାମର୍ଶଦାତା କମ୍ପାନୀ ଡଫ ଆଣ୍ଡ ଫେଲପ୍ସ ପ୍ରକାଶ କରିଛି ।

କୋହଲିଙ୍କ ପଛକୁ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ରହିଛନ୍ତି । ୨୧ ଉତ୍ପାଦର ପ୍ରଚାର କରୁଥିବା ଦୀପିକାଙ୍କ ବ୍ରାଣ୍ଡଭ୍ୟାଲ୍ୟୁ ହେଉଛି ୭୨୨ କୋଟି । ୨୦୧୭ ତାଲିକାରେ ସେ ତୃତୀୟ ସ୍ଥାନରେ ଥିଲେ ଚଳିତ ବର୍ଷ ଦ୍ୱିତୀୟକୁ ଉନ୍ନୀତ ହୋଇଛନ୍ତି । ୨୦ ଜଣିଆ ତାଲିକାରେ କେବଳ କୋହଲି ଓ ଦୀପିକାଙ୍କ ବ୍ରାଣ୍ଡ ଭ୍ୟାଲ୍ୟୁ ଆମେରିକୀୟ ଡଲାରରେ ୧୦୦ ନିୟୁତରୁ ଅଧିକ ରହିଛି । ଶ୍ରେଷ୍ଠ ୨୦ ଭାରତୀୟ ତାରକାଙ୍କର ମୋଟ ମୂଲ୍ୟ ୮୭୭ ନିୟୁତ ଡଲାର ବା ପାଖାପାଖି ୬୧୭୫ କୋଟି ଟଙ୍କା ରହିଛି । ବଲିଉଡ୍ ଅଭିନେତା ଅକ୍ଷୟ କୁମାର (୪୭୪ କୋଟି) ଓ ରଣବୀର ସିଂହ (୪୪୪ କୋଟି) ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି । ସୁପରଷ୍ଟାର ଶହାରୁଖ ଖାନ (୪୨୭ କୋଟି) ଦ୍ୱିତୀୟରୁ ପଞ୍ଚମ ସ୍ଥାନକୁ ଖସି ଯାଇଛନ୍ତି ।

ତାଲିକାରେ ବଲିଉଡ୍ ଅଭିନେତା ଓ ଅଭିନେତ୍ରୀ ଆଧିପତ୍ୟ ବିସ୍ତାର କରିଥିଲେ ମଧ ଖେଳାଳିମାନେ ସେମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି । କୋହଲି, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂହ ଧୋନି ଓ ପି.ଭି ସିନ୍ଧୁଙ୍କ ଭଳି ଖେଳାଳିଙ୍କ ମିଳିତ ମୂଲ୍ୟ ୧୬୯୭ କୋଟି ରହିଛି । ଚଳିତ ବର୍ଷ କୋହଲି ଏବଂ ତାଙ୍କ ଅଭିନେତ୍ରୀ ପତ୍ନୀ ମିଳିତ ଭାବେ ୪୦ ଉତ୍ପାଦର ପ୍ରଚାର ପ୍ରସାର କରୁଛନ୍ତି । ଏଣୁ ୨୦୧୯ ତାଲିକାରେ ଉଭୟଙ୍କ ଦାମ୍ ଆହୁରି ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି ।

ନିଲମ୍ବିତ ହେଲେ ପାଣ୍ଡ୍ୟା ଓ ରାହୁଲ, ଫେରିବେ ଭାରତ

ନୂଆଦିଲ୍ଲୀ

ଯାହା ଆଶା କରାଯାଉଥିଲା, ତାହା ହିଁ ହେଲା କଫି ୱିଥ୍ କରନ୍ ଶୋ’ରେ ମହିଳାଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବାରୁ ଟିମ୍ ଇଣ୍ଡିଆର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଓପନର୍ କେଏଲ୍ ରାହୁଲଙ୍କୁ ବିସିସିଆଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଯାଏ ନିଲମ୍ବିତ କରିଛି । ଏହି ନିଲମ୍ବନ ପରେ ଉଭୟ ପାଣ୍ଡ୍ୟା ଓ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରୁ ବାଦ୍ ପଡ଼ିଛନ୍ତି ।

ଏବେ ପାଣ୍ଡ୍ୟାଙ୍କ ସ୍ଥାନରେ ସ୍ପିନିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଖେଳିବା ଏକ ପ୍ରକାରର ସ୍ପଷ୍ଟ ହୋଇଯାଇଛି । ପୂର୍ବରୁ ଅଧିନାୟକ ବିରାଟ୍ କୋହଲି ଏକଥା ସ୍ପଷ୍ଟ କରିଥିଲେ । ସେ କହିଥିଲେ, ଯଦି ପାଣ୍ଡ୍ୟା ନ ଖେଳନ୍ତି ତାହେଲେ ଜାଡ଼େଜା ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ।

ନିଲମ୍ବନ ସମ୍ପର୍କରେ ସୂଚନା ଦେଇ ବିସିସିଆ ସିଓଏ ଅଧକ୍ଷ ବିନୋଦ ରାଏ କହିଛନ୍ତି, ଉଭୟ ପାଣ୍ଡ୍ୟା ଏବଂ ରାହୁଲଙ୍କୁ ନିଲମ୍ବନ କରାଯିବା ସହ ତଦନ୍ତ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ତଦନ୍ତ ଆରମ୍ଭ ପୂର୍ବରୁ ଉଭୟଙ୍କୁ ପୁଣିଥରେ ନିଜର ମନ୍ତବ୍ୟ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ।

ଅନ୍ୟପକ୍ଷରେ ଏମାନଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ବିସିସିଆଇର ଆଭ୍ୟନ୍ତରୀଣ କମିଟି କରିବ ନା ସ୍ୱତନ୍ତ୍ର ଆଡ଼ ହକ ଅମ୍ବୁଡ଼ସମ୍ୟାନ୍ କରିବେ, ତାହା ସ୍ପଷ୍ଟ ହୋଇନାହିଁ । ଏଥିସହ ବିସିସିଆଇ ପକ୍ଷରୁ ଅଷ୍ଟ୍ରେଲିଆ ଗସ୍ତରେ ଥିବା ଟିମ୍ ଇଣ୍ଡିଆ ମ୍ୟାନେଜମେଣ୍ଟକୁ ଏହା ଅବଗତ କରାଯିବ ଟିମ୍ ମ୍ୟାନେଜମେଣ୍ଟ ଉଭୟଙ୍କୁ ରଖିବ ନା ସ୍ୱଦେଶ ଫେରାଇ ଦେବ, ତାହା ସେମାନେ ହିଁ ନିଷ୍ପତ୍ତି ନେବେ ।

ବିସିସିଆଇର କିଛି ସଦସ୍ୟ ଉଭୟଙ୍କୁ ଅଷ୍ଟ୍ରେଲିଆରେ ଟିମ୍ ସହ ରଖିବାକୁ ଚାହୁଁଛନ୍ତି । କିନ୍ତୁ ବିସିସିଆଇର ଆଉ କିଛି ସଦସ୍ୟ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି । ଯେହେତୁ ଉଭୟ ନିଲମ୍ବନ ହୋଇଛନ୍ତି, ତେଣୁ ସେମାନଙ୍କୁ ସ୍ୱଦେଶ ଫେରିଆସିବାକୁ କୁହାଯିବ ।

ପାଣ୍ଡ୍ୟା ଓ ରାହୁଲଙ୍କ ବଦଳରେ ଏବେ ବିସିସିଆଇ ରିଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟସ ଆୟର ଓ ବିଜୟ ଶଙ୍କରଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଅଷ୍ଟ୍ରେଲିଆ ପଠାଇବାକୁ ଯୋଜନା ଆରମ୍ଭ କରିଛି । ଏହାପୂର୍ବରୁ ସିଓଏ ସଦସ୍ୟ ଡାଏନା ଏଡୁଲଜି ଉଭୟଙ୍କୁ ନିଲମ୍ବନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ଜନ୍ମଦିନରେ ପ୍ରେମଚିଠି ପାଇଲେ ଦ୍ରାଭିଡ୍

ବେଙ୍ଗାଲୁରୁ

ଲାଜକୁଳା ସ୍ୱଭାବ ପାଇଁ ବେଶ୍ ପରିଚିତି ଲାଭ କରିଥିବା ପୂର୍ବତନ ଭାରତୀୟ କ୍ରିକେଟର ରାହୁଲ ଦ୍ରାଭିଡ୍‌ଙ୍କୁ ଆସିଛି ପ୍ରେମ ଚିଠି । ତେବେ ଏହି ଚିଠି ପ୍ରଥମ ଥର ନୁହେଁ ପୂର୍ବରୁ ମଧ ସମାନ ଯୁବତୀ ତାଙ୍କୁ ଚିଠି ଲେଖିଛନ୍ତି । ଏକଥା ଦ୍ରାଭିଡ୍‌ଙ୍କୁ ଏକ ତରଫା ପ୍ରେମ କରି ବସିଥିବା ସୋମାଲି ବାଜପେୟୀ ନାମ୍ନୀ ଏହି ଯୁବତୀ ନିଜ ଟ୍ୱିଟର ହ୍ୟାଣ୍ଡଲ୍‌ରେ ଲେଖିଛନ୍ତି । ସେ ଲେଖିଛନ୍ତି ତୃତୀୟ ଶ୍ରେଣୀରେ ପଢୁଥିବା ସମୟରେ ଦ୍ରାଭିଡ୍‌ଙ୍କୁ ଏକ ଚିଠି ଲେଖିଥିଲେ । କେହି ଜଣେ ବିଶ୍ୱାସ ଦେଇଥିଲା ତାହା ଠିକ୍ ଜାଗାରେ ପହଞ୍ଚିଯିବ । କିନ୍ତୁ ଏହା ଧରାପଡ଼ିଯାଇଥିଲା, ସମସ୍ତେ ଏହା ଦେଖି ହସିଥିଲେ ଏବଂ ସେ ବହୁତ କାନ୍ଦିଥିଲେ । ୨୦୧୫ ମସିହାରେ ପୁଣି ଚିଠି ଲେଖିଥିଲେ ବୋଲି ମଧ ଦର୍ଶାଇଛନ୍ତି । ଏଥରକୁ କିନ୍ତୁ ଦ୍ରାଭିଡ୍ କେବଳ ପଢ଼ିନଥିଲେ, ଉତ୍ତର ମଧ ରଖିଥିଲେ । ଏହି ଭିଡିଓକୁ ନିଜ ରୁମ୍‌ରେ ଏକୁଟିଆ ଦେଖିଥିବାର ମୁହୂର୍ତ୍ତ ଏପର୍ଯ୍ୟନ୍ତ ତାଙ୍କର ମନେ ଅଛି ବୋଲି ସୋମାଲି କହିଛନ୍ତି । ସେହି ଶବ୍ଦ ସବୁ ଏବେ ମଧ ତାଙ୍କର ହୃତ୍‌ସ୍ପନ୍ଦନ ବଢ଼ାଇଦିଏ ବୋଲି ସେ ଜଣାଇଛନ୍ତି ।ସେ ଦ୍ରାଭିଡ୍‌ଙ୍କ ସଦ୍‌ଗୁଣ ସବୁ ବାବଦରେ ପ୍ରଶଂସା କରିବା ସହିତ ନିଶ୍ଚୟ ଭେଟିବାକୁ ଉତ୍ସୁକତାର ସହିତ ଅପେକ୍ଷା କରିଥିବା ଜଣାଇଛନ୍ତି । ଭେଟ ହେଲେ ସେ ତାଙ୍କୁ ମୋମୋ ଖୁଆଇବେ ଏବଂ କଫି ପିଆଇବେ ବୋଲି ମଧ କହିଛନ୍ତି । ସେ କହିଛନ୍ତି ଦ୍ରାଭିଡ୍ ତାଙ୍କ ପ୍ରେରଣା ଏବଂ ସ୍ୱପ୍ନ । କାରଣ ଦ୍ରାଭିଡଙ୍କ ପାଇଁ ହିଁ ସେ କ୍ରିକେଟ୍ ପ୍ରେମରେ ପଡ଼ିଥିଲେ । ସବାଶେଷରେ ସେ ଲେଖିଛନ୍ତି, ଦେଖ ଯଦି ପୁଣି ବିବାହ କରିବା ସମ୍ଭବ ହେଇପାରୁଛି । ମଜାଦାର କଥା ହେଉଛି ଦ୍ରାଭିଡ୍ ଟ୍ୱିଟର୍‌ରେ ନାହାନ୍ତି ବୋଲି କିଛି ଟ୍ୱିଟର ବ୍ୟବହାରକାରୀ ଚିନ୍ତାପ୍ରକଟ କରିଛନ୍ତି । ଏପରିକି କିଛି ପ୍ରଶଂସକ ଏହି ଚିଠିକୁ ଦ୍ରାଭିଡ୍‌ଙ୍କ ପାଖରେ ପହଞ୍ଚାଇବା ପାଇଁ ଦ୍ରାଭିଡ୍‌ଙ୍କ ସାଥୀ କ୍ରିକେଟର ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି ଏବଂ ବିସିସିଆଇକୁ ଟ୍ୟାଗ୍ କରିଛନ୍ତି ।

ଅବସର ପରେ କ’ଣ କରିବେ ବିରାଟ୍

ସିଡ୍‌ନୀ

ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ୍ କୋହଲି ଏବେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟରେ ୧ ନଂ ବ୍ୟାଟସ୍‌ମ୍ୟାନ୍ ଏଥିସହ ୨୦୧୯ ବିଶ୍ୱକପ୍‌ରେ କୋହଲି ଭାରତର ନେତୃତ୍ୱ ନେଇ ଟିମ୍‌କୁ ଜିତାଇବେ ବୋଲି ସମସ୍ତେ ଆଶା ରଖିଛନ୍ତି । ଏବେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିବାକୁ ସିଡ୍‌ନୀରେ ରହିଛି । ଏହି ସମୟରେ ବିରାଟ୍ କୋହଲିଙ୍କୁ ସାମ୍ବାଦିକମାନେ କ୍ରିକେଟ୍‌ରୁ ଅବସର ନେବା ପରେ କ’ଣ ଘରୋଇ ଟି–୨୦ ଲିଗ୍ ଖେଳିବେ କି ପ୍ରଶ୍ନ କରିଥିଲେ । ଏହାର ଉତ୍ତର ଦେଇ ବିରାଟ୍ କହିଛନ୍ତି, ମୁଁ ଅବସର କଥା ଏବେ ଚିନ୍ତା କରିନାହିଁ । କିନ୍ତୁ ଆପଣମାନଙ୍କୁ ଏତିକି କହିବି ଯେ ଅବସର ନେବା ବେଳକୁ ଆଉ କ୍ରିକେଟ୍ ମୋ ପାଖରେ ନଥିବ । ତେଣୁ ମୁଁ କ୍ରିକେଟ୍ ଖେଳିବା ବନ୍ଦ କରିଦେବି । ଅବସର ନେବା ଅର୍ଥ କ୍ରିକେଟ୍ ଖେଳିବା ବନ୍ଦ କରିବା । ତେଣୁ ମୁଁ କେବେ ହେଲେ ପୁଣି ପଡ଼ିଆକୁ ଓହ୍ଲାଇ କ୍ରିକେଟ୍ ଖେଳିବି ନାହିଁ । ଥରେ ନିଷ୍ପତ୍ତି ନେଲି ମାନେ କ୍ରିକେଟ୍ ଖେଳ ବନ୍ଦ । ମୋତେ ଆପଣମାନେ ଆଉ ଖେଳୁଥିବା ଦେଖିବାକୁ ପାଇବେ ନାହିଁ । ମୁଁ ଜାଣିନି ଭବିଷ୍ୟତରେ ସ୍ଥିତି କ’ଣ ହେବ ସତକଥା କହୁଛି, ମୁଁ କ୍ରିକେଟ୍ ଖେଳିବାକୁ ଅକ୍ଷମ ହେଲେ ଯାଇ ଅବସର ନେବି । ଏଇ ୫ ବର୍ଷ ହେଲାଣି ବହୁତ କ୍ରିକେଟ୍ ଖେଳି ସାରିଲିଣି । ଆଗକୁ ଆହୁରି କ୍ରିକେଟ୍ ଖେଳିବି । ତେଣୁ ଅବସର ପରେ ପୁଣି ବ୍ୟାଟ୍ ଧରିବା ମୋ ପକ୍ଷରେ ସମ୍ଭବ ନୁହେଁ ।

ଅନେକ ଅନ୍ତର୍ଜାତୀୟ କ୍ରିକେଟ୍‌ର ଦେଶର ପ୍ରତିନିଧିତ୍ୱ କରୁ ନଥିବା ବେଳେ ଅବସର ପରେ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି । ଏମାନଙ୍କ ମଧ୍ୟରେ ଏବି ଡିଭିଲିୟର୍ସ, ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଶେନ୍ ୱାଟସନଙ୍କ ଭଳି ଖେଳାଳି ରହିଛନ୍ତି । ତେଣୁ ବିରାଟ୍ ମଧ ଅବସର ପରେ ଏମିତି କିଛି ଯୋଜନା କରିଛନ୍ତି କି ବୋଲି ପ୍ରଶ୍ନର ଉତ୍ତର ଦେଇ ସେ ଏକଥା କହିଛନ୍ତି ।

ସବୁଠୁ ଲମ୍ବା ଭାଷଣ ଦେଇ ବିଶ୍ୱ ରେକର୍ଡ଼ କଲେ ଭାରତୀୟ ଯୁବକ

ନୂଆଦିଲ୍ଲୀ

ସାଧାରଣତଃ ରାଜନେତାମାନେ ଲମ୍ବା ଚଉଡ଼ା ଭାଷଣ ଦେଇଥାନ୍ତି । ଅଧିକାଂଶ ସମୟ ନେତାଙ୍କ ଲମ୍ବା ଭାଷଣ ଶୁଣି ଲୋକମାନେ ବିରକ୍ତ ହୋଇଥାନ୍ତି । କିନ୍ତୁ ଏବେ ଲମ୍ବା ଭାଷଣ ଦେଇ ଭାରତର ଜଣେ ଯୁବକ ଯତୀଶ ଚନ୍ଦ୍ର ଶୁକ୍ଲା ବିଶ୍ୱ ରେକର୍ଡ଼ କରିଛନ୍ତି । ୧୦୦ ଘଣ୍ଟାରୁ ଅଧିକ ସମୟ ଭାଷଣ ଦେବା ସହ ନେପାଳର ଅନନ୍ତାଙ୍କ ନାଁରେ ଥିବା ବିଶ୍ୱ ରେକର୍ଡ଼କୁ ଭାଙ୍ଗିଛନ୍ତି ଯତୀଶ । ପୂର୍ବରୁ ନେପାଳର ଅନନ୍ତା ୯୦ ଘଣ୍ଟା ୨ ମିନିଟର ଭାଷଣ ଦେଇ ବିଶ୍ୱ ରେକର୍ଡ଼ ନିଜ ନାଁରେ କରିଥିଲେ ।

ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଅଞ୍ଚଳର ଯତୀଶ ଚନ୍ଦ୍ର ଶୁକ୍ଲା ୧୦୦ ଘଣ୍ଟାରୁ ଅଧିକ ସମୟ ଧରି ଭାଷଣ ଦେବାପରେ ମଧ ଅଟକିନାହାନ୍ତି । ଯତୀଶ କହିଛନ୍ତି, ମୁଁ ଏତେ ଘଣ୍ଟା ଧରି ଭାଷଣ ଦେବାକୁ ଚାହୁଁଛି ଯାହାଫଳରେ ଏହି ରେକର୍ଡ଼କୁ ଅନ୍ୟ କେହି ଏତେ ସହଜରେ ଭାଙ୍ଗି ପାରିବେ ନାହିଁ । ଏହାପୂର୍ବରୁ ଲଗାତାର ପଢ଼ିବା ଓ ପଢ଼ାଇବା କ୍ଷେତ୍ରରେ ବିଶ୍ୱ ରେକର୍ଡ଼ କରିଥିବା ଯତୀଶଙ୍କ ନାଁରେ ଲମ୍ବା ସମୟ ଧରି ଭାଷଣ ଦେବାର ରେକର୍ଡ଼ ମଧ ଯୋଡ଼ି ହୋଇଯାଇଛି । ଏହି ଲମ୍ବା ସମୟର ଭାଷଣ ଦେଇ ବିଶ୍ୱ ରେକର୍ଡ଼ କରିଥିବା ଯତୀଶ ଏହା ମଧ୍ୟରେ ୬ ଘଣ୍ଟା ୯ ମିନିଟର ୩୨ଟି ବ୍ରେକ୍ ନେଇଥିଲେ । ଯତୀଶ ଶୁକ୍ଲା ୫ ଜାନୁଆରୀର ଦ୍ୱିପ୍ରହର ସମୟରୁ ବିଶ୍ୱ ରେକର୍ଡ଼ କରିବା ପାଇଁ ଭାଷଣ ଦେବା ଆରମ୍ଭ କରିଥିଲେ । ଆଉ ୯ ତାରିଖ (ବୁଧବାର) ଦିନ ୧୦୦ ଘଣ୍ଟାର ଭାଷଣ ଦେବା ସହ ନୂଆ ବିଶ୍ୱ ରେକର୍ଡ଼ ସ୍ଥାପନ କରିଛନ୍ତି । ପୂର୍ବରୁ ନେପାଳର ଅନନ୍ତାଙ୍କ ନାମରେ ଥିବା ଏହି ରେକର୍ଡ଼କୁ ଭାଙ୍ଗିବା ପାଇଁ ଯତୀଶ ନ ଶୋଇ, ବିଶ୍ରାମ ନ ନେଇ ଲଗାତାର ଭାବେ ଭାଷଣ ଦେଇଚାଲିଥିଲେ । ଯତୀଶ ଭାଷଣ ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକ ମଧ ୫ ଦିନ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ । ବୁଧବାର ସକାଳ ୧୦ଟା ୩୦ ମିନିଟ ସମୟରେ ନେପାଳର ଅନନ୍ତାଙ୍କ ନାଁରେ ଥିବା ରେକର୍ଡକୁ ଯତୀଶ ଭାଙ୍ଗିଥିଲେ । ଆଉ ଏହାସହ ଗୋଲ୍ଡେନ ବୁକ ଅଫ ୱାଲ୍ଡ ରେକର୍ଡ଼ସ ନିଜ ନାଁ ସାମିଲ କରିଥିଲେ ଯତୀଶ । ଆଉ ରେକର୍ଡ଼ ବୁକ୍‌ରେ ନେପାଳର ନାଁକୁ ପଛରେ ପକାଇ ଭାରତର ନାଁକୁ ସାମିଲ କରିଥିଲେ ।

ଛତିଶଗଡ଼ରେ ପଶିପାରିବ ନାହିଁ ସିବିଆଇ !

ନୂଆଦିଲ୍ଲୀ

ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ପରେ ଛତିଶଗଡ଼ର କଂଗ୍ରେସ ସରକାର ଗୁରୁବାର ଦିନ ରାଜ୍ୟରେ ମାମଲାଗୁଡ଼ିକର ତଦନ୍ତ କରିବାକୁ ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ(ସିବିଆଇ) ସହ ହୋଇଥିବା ସାଧାରଣ ରାଜିନାମାକୁ ପ୍ରତ୍ୟାହାର କରିଛନ୍ତି । ଏହି ତିନି ରାଜ୍ୟ ବିରୋଧୀ ଦଳଙ୍କ ଶାସନାଧୀନ ଏବଂ ଅଭିଯୋଗ କରୁଛନ୍ତି ଯେ, କେନ୍ଦ୍ରର ଭାରତୀୟ ଜନତା ପାର୍ଟି ନିର୍ଦ୍ଦେଶରେ ସିବିଆଇ କାର୍ଯ୍ୟ କରୁଛି । ସିବିଆଇ ଦିଲ୍ଲୀ ସ୍ପେଶାଲ ପୋଲିସ ଇଷ୍ଟାବ୍ଲିସମେଣ୍ଟ ଆକ୍ଟ ଅଧୀନରେ ରହୁଛି । ରାଜ୍ୟରେ ଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ତଦନ୍ତ କରିବାକୁ ସିବିଆଇ ରାଜ୍ୟମାନଙ୍କର ସାଧାରଣ ସହମତି ଲୋଡ଼ା ପଡ଼ିଥାଏ। ଏହାର କାରଣ ହେଉଛି ପବ୍ଲିକ ଅର୍ଡ଼ର ଏବଂ ପୋଲିସ ରାଜ୍ୟ ସରକାରଙ୍କ ପରିସରଭୁକ୍ତ । ଗୁରୁବାର ଦିନ ସିବିଆଇକୁ ନିଷିଦ୍ଧ କରାଯିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କେନ୍ଦ୍ର ଗୃହମନ୍ତ୍ରଣାଳୟକୁ ଲେଖିଛନ୍ତି । ବାଘେଲ କହିଛନ୍ତି: ପ୍ରଥମତଃ, ଗତ କେତେ ମାସ ହେବ କେନ୍ଦ୍ର ସରକାର ସିବିଆଇର ଭୂମିକାକୁ ପ୍ରଶ୍ନବାଚୀରେ ପକାଇଛନ୍ତି । ତେଣୁ ଆମ ରାଜ୍ୟରେ ସିବିଆଇକୁ ମାତ୍ରାଧିକ କାର୍ଯ୍ୟକଳାପ ଚାଲୁରଖିବାକୁ ଅନୁମତି ଦେବା ଠିକ ନୁହେଁ । ଦ୍ୱିତୀୟତଃ, ସିବିଆଇ ସଂଘୀୟ ବ୍ୟବସ୍ଥାର ଅପବ୍ୟବହାର କରୁଛି ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରଭାବିତ କରୁଛି। ଏହି ଆଦେଶ ଦ୍ୱାରା ରାଜ୍ୟରେ ସିବିଆଇର ଚଳପ୍ରଚଳକୁ ବନ୍ଦ କରାଯାଇ ନାହିଁ, କିନ୍ତୁ ଛତିଶଗଡ଼ରେ କୌଣସି ଅଭିଯାନ କିମ୍ବା ଚଢ଼ଉ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ।

ହୀରାକୁଦରେ ହେବ ଆଉ ୧୫ଟି ନୂଆ ଗେଟ୍

ଦେଶର ସର୍ବବୃହତ୍ ଡ୍ୟାମ ହୀରାକୁଦକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା । ହୀରାକୁଦରେ ଜଳ ପ୍ରବାହ ଓ ଡ୍ୟାମ୍ ପ୍ରତି ଥିବା ବିପଦକୁ ଏଡ଼ାଇବା ପାଇଁ ଏକ ନୂଆ ସ୍କିଲ୍‌ରେ କାମ ଆରମ୍ଭ ହେବାକୁ ଯାଉଛି । ହୀରାକୁଦରେ ଆଉ ୧୫ଟି ନୂଆ ଗେଟ କରିବେ ସରକାର ୩ ବର୍ଷ ଭିତରେ ଏହି କାମ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ମୋଟ ୫ ଶହ କୋଟି ଟଙ୍କା ଖର୍ଚ୍ଚ ହେବ ।ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ନେଇ ସିଡବ୍ଲ୍ୟସିର ଅଧ୍ୟକ୍ଷ ମାସୁଦ ହୋସେନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି । ତେବେ ହୀରାକୁଦ ଡ୍ୟାମ୍ ଦେଶର ସର୍ବବୃହତ ଡ୍ୟାମ୍ ହୋଇଥିବା ବେଳେ ଡ୍ୟାମ୍‌କୁ ନେଇ ଏବେ ଚିନ୍ତାରେ ରାଜ୍ୟ ସରକାର । ହୀରାକୁଦରେ ଜଳ ପ୍ରବାହ ଏବଂ ଡ୍ୟାମ ପ୍ରତି ବିପଦ ଥିବା କୁହାଯାଉଛି । ତେବେ ଏହାର ସମାଧାନ ପାଇଁ ହୀରାକୁଦ ଡ୍ୟାମ୍‌ରେ ଆଉ ୧୫ଟି ନୂଆ ଗେଟ୍ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି ।

ଆଉ ଏକ ମାଇଲଷ୍ଟୋନ୍ ହାସଲ କଲା ଇ–ନାମ୍

ନୂଆଦିଲ୍ଲୀ

୧୦ ଜାନୁଆରୀ ଇ–ନାମ୍ ବ୍ୟବସ୍ଥା କେବଳ ଏକ ଯୋଜନା ନୁହେଁ, ବରଂ ଏହା ଦେଶର କୃଷକମାନଙ୍କ ନିକଟରେ ପହଞ୍ଚିବା ଦିଗରେ ଏକ ସଫଳ ଯାତ୍ରା ଏବଂ କୃଷକମାନଙ୍କ ଉତ୍ପାଦନ, ବିକ୍ରୟ କ୍ଷେତ୍ରରେ ଏହା ଏକ ବିପ୍ଲବ ସୃଷ୍ଟି କରିବ ବୋଲି କୃଷି ଓ କୃଷକ କଲ୍ୟାଣ ବିଭାଗ ସଚିବ ସଞ୍ଜୟ ଅଗ୍ରୱାଲ କହିଛନ୍ତି । ନୂଆବର୍ଷ–୨୦୧୯ର ଶୁଭାରମ୍ଭ ସହ ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଇ–ନାମ୍ ଆଉ ଏକ ମାଇଲଷ୍ଟୋନ ହାସଲ କରିଛି । ରାଜ୍ୟ–ରାଜ୍ୟ ମଧ୍ୟରେ ମଣ୍ଡିମାନଙ୍କ ଭିତରେ ଏହି ବ୍ୟବସ୍ଥା ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରାଯାଇ ପାରିଛି । ତେବେ ପ୍ରଥମ ଥରପାଇଁ ଟମାଟୋ କାରବାର କ୍ଷେତ୍ରରେ ଆନ୍ତଃରାଜ୍ୟ ବିପଣନ ସମ୍ଭବ ହୋଇଛି । ଉତ୍ତରପ୍ରଦେଶର ବରେଲୀସ୍ଥିତ ଇ–ନାମ ଏପିଏମ୍‌ସି ଏବଂ ଉତ୍ତରାଖଣ୍ଡର ହଲଦୱାନୀ ଇ–ନାମ ଏପିଏମ୍‌ସି ମଧ୍ୟରେ ଏହି କାରବାର ସମ୍ପନ୍ନ ହୋଇଛି । ସେହିଭଳି ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶର ଇ–ନାମ ମଣ୍ଡିମାନେ ଏବେ ଆଳୁ, ମୂଳା ଏବଂ ଫୁଲକୋବି କାରବାର ପାଇଁ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିଛନ୍ତି । ଏହି ସମସ୍ତ ଘଟଣାରେ ଇ–ନାମ ପୋର୍ଟାଲ ମାଧ୍ୟମରେ ଇ–ପେମେଣ୍ଟ କରାଯାଇଛି । ଏହାଦ୍ୱାରା କୃଷକମାନେ ଅଧିକ ସକ୍ରିୟ ଭାବେ ବଜାର ସୁବିଧା ହାସଲ କରିବେ ଏବଂ ଅଧିକରୁ ଅଧିକ କ୍ରେତା, ବ୍ୟବସାୟୀଙ୍କ ନିକଟରେ ପହଞ୍ଚିପାରିବେ ।

ପୁଣି ଇ–ନାମ ବ୍ୟବସ୍ଥା ସେମାନଙ୍କ ଦ୍ରବ୍ୟର ଅଧିକ ମୂଲ୍ୟ ପ୍ରଦାନର ସୁଯୋଗ ଦେବ । ରାଜ୍ୟମାନଙ୍କ ମଧ୍ୟରେ ଇ–ନାମ ଯୋଜନା ମାଧ୍ୟମରେ ବାଣିଜ୍ୟ କାରବାରକୁ ସୁଗମ କରିବା ସକାଶେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅନେକଗୁଡ଼ିଏ ସମନ୍ୱୟ ବୈଠକର ଆୟୋଜନ କରିଥିଲା । ଏହି ବୈଠକରେ ଇ–ନାମ ଯୋଜନାଭୁକ୍ତ ରାଜ୍ୟ ଓ ମଣ୍ଡିବୋର୍ଡ଼ର ଅଧିକାରୀ/ ମଣ୍ଡି ସଚିବମାନେ ସାମିଲ ହୋଇଥିଲେ ।

ସେମାନଙ୍କ ମଧ୍ୟରେ ପାରସ୍ପରିକ ଭାବ ବିନିମୟ ଓ ମତାମତ ପ୍ରକାଶ ପରେ ଉଭୟ ରାଜ୍ୟ ପରସ୍ପର ମଧ୍ୟରେ ବାଣିଜ୍ୟ ଲାଇସେନ୍ସ ବ୍ୟବସ୍ଥା ଆଦାନପ୍ରଦାନ ଏବଂ ଇ–ନାମ ପୋର୍ଟାଲ ଜରିଆରେ ବ୍ୟବସାୟ କରିବାକୁ ସହମତ ହୋଇଥିଲେ ।

ଇ–ନାମ ଅର୍ଥାତ ଜାତୀୟ କୃଷି ବଜାର ଏକ ସର୍ବଭାରତୀୟ ଇଲେକ୍ଟ୍ରୋନିକ ବାଣିଜ୍ୟ କାରବାର (ଇ–ଟ୍ରେଡିଂ ପୋର୍ଟାଲ) । ଏହା ବର୍ତ୍ତମାନ କାର୍ଯ୍ୟ କରୁଥିବା ନିୟନ୍ତ୍ରିତ ପାଇକାରୀ ବଜାର (ଯାହାକି ଏପିଏମ୍‌ସି ମାର୍କେଟ ଭାବେ ପରିଚିତ) ସେଥିରେ ଏକ ଭର୍ଚୁଆଲ ପ୍ଲାଟଫର୍ମ ଏବଂ ନେଟ୍‌ୱାର୍କ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା କୃଷିଜାତ ଦ୍ରବ୍ୟକୁ ସମନ୍ୱିତ ଭାବେ ଇ–ପ୍ଲାଟଫର୍ମ ଜରିଆରେ ଏକ ଜାତୀୟ ବଜାର ସୁବିଧା ମିଳିଥାଏ । ଇ–ନାମ ପ୍ଲାଟଫର୍ମରେ କୃଷକମାନଙ୍କୁ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଅନ୍‌ଲାଇନ୍‌ରେ ପ୍ରତିଯୋଗିତାମୂଳକ ତଥା ସ୍ୱଚ୍ଛ ମୂଲ୍ୟରେ ମାର୍କେଟିଂ ସୁଯୋଗ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହା ଏଭଳି ଏକ ମୂଲ୍ୟ ଆବିଷ୍କାର ବ୍ୟବସ୍ଥା ଓ ଅନ୍‌ଲାଇନ୍ ପେମେଣ୍ଟ ସୁବିଧା ଯାହା କୃଷକମାନଙ୍କୁ ବିଶେଷଭାବେ ସହାୟକ ହେବ । ଏହା ମାଧ୍ୟମରେ କୃଷି ଉତ୍ପାଦନର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ହୋଇପାରିବ । ଇ–ନାମ ପୋର୍ଟାଲ ସମସ୍ତ ଏପିଏମ୍‌ସି ସଂପର୍କିତ ସୂଚନା ଓ ସେବାର ଏକ ସିଙ୍ଗଲ ୱିଣ୍ଡୋ ସେବା ବ୍ୟବସ୍ଥା । ଏଥିରେ କୃଷିଜାତ ସାମଗ୍ରୀର ଉପଲବ୍ଧତା, ଗୁଣାତ୍ମକ ମାନ, ମୂଲ୍ୟ, କ୍ରୟ ବିକ୍ରୟ ପ୍ରସ୍ତାବ ଏବଂ ଇ–ପେମେଣ୍ଟ କାର୍ଯ୍ୟ ସିଧାସଳଖ ଭାବେ ସମ୍ପନ୍ନ ହୋଇଥାଏ ଏବଂ କୃଷକମାନଙ୍କ ଜମାଖାତାରେ ଅର୍ଥ ଜମା ହୋଇଥାଏ ।

କୃଷକମାନେ ଇ–ନାମ ସଂପର୍କିତ ସୂଚନା ସେମାନଙ୍କ ମୋବାଇଲ ଫୋନ୍ ଜରିଆରେ ଯେ କୌଣସି ସ୍ଥାନରେ, ଯେ କୌଣସି ସମୟରେ ପାଇପାରିବେ । ଏହି ଅନ୍‌ଲାଇନ୍ ପ୍ଲାଟଫର୍ମ ମୂଲ୍ୟ ସୂଚନା ପ୍ରଦାନ କ୍ଷେତ୍ରରେ ଥିବା ବୈଷମ୍ୟକୁ ହ୍ରାସ କରିବା ସହ କୃଷକମାନଙ୍କୁ ସଂପ୍ରସାରିତ ଜାତୀୟ ବଜାର ସହ ସିଧାସଳଖ ଯୋଡ଼ିବାର ବ୍ୟବସ୍ଥା କରିଛି । ଏପର୍ଯ୍ୟନ୍ତ ୧୬ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରର ୫୮୫ଟି ନିୟନ୍ତ୍ରିତ ବଜାର ଇ–ନାମ ପ୍ଲାଟଫର୍ମରେ ନିଜକୁ ସାମିଲ କରିଛନ୍ତି । ସରକାର ୨୦୨୦ ମସିହା ମାର୍ଚ୍ଚ ମାସ ସୁଦ୍ଧା ଏଥିରେ ଅତିରିକ୍ତ ୪୧୫ଟି ନିୟନ୍ତ୍ରିତ ମାର୍କେଟକୁ ଯୋଡ଼ିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏହା ଅତିରିକ୍ତ ଇ–ନାମ ପୋର୍ଟାଲ ବାହାର ରାଜ୍ୟର ବ୍ୟବସାୟୀମାନଙ୍କୁ ଲଜିଷ୍ଟିକ୍ସ ସେବା ସଂପର୍କୀତ ସକଳ ପ୍ରକାର ସୂଚନା ଯୋଗାଇ ଆସୁଛି । ଯାହାକି କୃଷିଜାତ ଦ୍ରବ୍ୟର ପରିବହନ ଓ ବାଣିଜ୍ୟରେ ସହାୟକ ହେଉଛି । ଇ–ନାମ ପ୍ଲାଟଫର୍ମର ଏକ ଆନ୍ତଃରାଜ୍ୟ ଡାସବୋର୍ଡର ବିକାଶ ଘଟାଯାଇଛି, ଯାହା ଇ–ନାମ ପରିସରଭୁକ୍ତ ରାଜ୍ୟମାନଙ୍କ ମଧ୍ୟରେ ଆନ୍ତଃରାଜ୍ୟ ବାଣିଜ୍ୟ କାରବାରକୁ ସୁଗମ କରିବା ନିମନ୍ତେ ଉଦ୍ଦିଷ୍ଟ ।

–।। ଗଞ୍ଜାମ ଜିଲ୍ଲା ସମାଚାର ।।–

ହିନ୍ଦୀକୁ ବିଶ୍ୱଭାଷା କରିବା ପାଇଁ ଗୁରୁତ୍ୱାରୋପ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରଭାଷା ପ୍ରଚାର ସଭା, ବ୍ରହ୍ମପୁର ତରଫରୁ ସ୍ଥାନୀୟ ବେଦପାଠା ଠାରେ ବିଶ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଅଧ୍ୟାପକ ଅର୍ଜୁନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ହିନ୍ଦୀ ଭାଷାର ବର୍ତ୍ତମାନର ବିଶ୍ୱବ୍ୟାପୀ ଲୋକପ୍ରିୟତା ବୃଦ୍ଧିର କାରଣ ବିଷୟରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଦ୍ୟାର୍ଥୀମାନଙ୍କୁ ମହାବିଦ୍ୟାଳୟ ସ୍ତରରେ ହିନ୍ଦୀ ବିଷୟ ପଠନ ମହତ ଆବଶ୍ୟକତା ଏବଂ ତାହା କିପରି ରୋଜଗାରର ସଶକ୍ତ ମାଧମ ରୂପେ ଉଭା ହେଉଛି ସେ ବିଷୟରେ ମଧ ତର୍କ ରଖିଥିଲେ । ହିନ୍ଦୀ ଭାଷାରେ ବିଶ୍ୱଭାଷା ହେବାର ସମସ୍ତ ଗୁଣ ଭରି ରହିଛି । କେବଳ ଭାରତବାସୀଙ୍କ ସ୍ୱାଭିମାନ ଜାଗ୍ରତ ହେଲେ ଏହା ସତ୍ୟରେ ପରିଣତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ସନ୍ତୋଷ କୁମାର ସାମନ୍ତରାୟ ନିଜ ଭାଷଣରେ କହିଥିଲେ ଯେ ହିନ୍ଦୀକୁ ବିଶ୍ୱଭାଷା କରିବା ପାଇଁ ହିନ୍ଦୀ ଶିକ୍ଷକ, ପ୍ରଚାରକ ଏବଂ ଅଧ୍ୟାପକମାନେ ଛାତ୍ରଛାତ୍ରୀ ମାନଙ୍କ ମଧରେ ହିନ୍ଦୀ ଭାଷା ପ୍ରତି ପ୍ରେମ ଜାଗୃତି କରାଇବାକୁ ହେବ । ରାଷ୍ଟ୍ରଭାଷା ପ୍ରଚାର ସଭାର ପ୍ରଚାରକ ଡ. ଭବାନୀ ଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ହିନ୍ଦୀ ଭାଷାକୁ ବିଶ୍ୱଭାଷା ଅର୍ଥାତ ଜାତିସଂଘର ଭାଷା ରୂପେ ସ୍ଥାପିତ କରିବାପାଇଁ ଚାଲିଥିବା ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ କରିଥିଲେ । ଏହା ସହିତ ସମସ୍ତ ରାଜନୈତିକ ଦଳ ତଥା ଭାରତ ସରକାର ମିଳିତ ଭାବେ ଉଦ୍ୟମ କାଲେ ହିନ୍ଦୀ ଭାଷା ନିଶ୍ଚୟ ବଶ୍ୱଭାଷା ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବରୁ ସମ୍ପନ୍ନ ହୋଇଥିବା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗିତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବେଦ ପାଠଶାଳାର ବ୍ରହ୍ମଚାରୀମାନଙ୍କ ଦ୍ୱାରା ବେଦ ପାଠ ହୋଇଥିଲା । ଶେଷରେ ପ୍ରଫୁଲ୍ଲ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ସହରର ଅନେକ ହିନ୍ଦୀ ପ୍ରଚାରକ, ଶିକ୍ଷକ, ହିନ୍ଦୀ ପ୍ରେମୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ସମାରୋହ ପରିଚାଳନା ଗୋପାଳ କୃଷ୍ଣ ଗୌଡ଼ କରିଥିବା ବେଳେ ବେଦଶାଳାର ସମସ୍ତ ଛାତ୍ର ଏବଂ ଅଧ୍ୟାପକ ପଣ୍ଡିତ ରାମକୃଷ୍ଣ ତ୍ରିପାଠୀ, ପଣ୍ଡିତ ବ୍ୟୋମକେଶ ଉପଧ୍ୟାୟ ଓ ପଣ୍ଡିତ ରାଜେନ୍ଦ୍ର ପାଢୀ, ରବୀନ୍ଦ୍ର କୁମାର ପାଢୀ ଏବଂ ଗଣେଶ ଦାସ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହାୟତା କରିଥିଲେ ।

୪ ଜୁଆଡ଼ି ଗିରଫ

ଆସିକା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ପାକଳାପଲ୍ଲୀ ଠାକୁରାଣୀ ମନ୍ଦିର ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ଥାନା ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ସଶସ୍ତ୍ର ପୁଲିସ ଚଢ଼ଉ କରି ଜୁଆଡ଼ି ମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪୬୦୦ ଟଙ୍କା ଏବଂ ୫ଟି ମୋଟର ସାଇକେଲ ଜବତ କରିଛି । ଏନେଇ ଥାନାରେ ଏକ ମାମଲା ୧୨/୧୯ରେ ରୁଜୁ ହୋଇଛି।

ବିଜେଡିର ଜୋନ୍ ସ୍ତରୀୟ ୱାର୍ଡ଼ କମିଟି କର୍ମଶାଳା

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳ ପକ୍ଷରୁ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଜୋନ ସ୍ତରୀୟ ୱାର୍ଡ କମିଟି କର୍ମଶାଳା ଗଞ୍ଜାମ ବ୍ଲକର ସୁବଳୟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଲପଡ଼ା ଗ୍ରାମ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ଠାରେ ଅନୁଷ୍ଠିତ ହୋଇଯାଇଛି । ୧୫ ନମ୍ବର ଜୋନ ର ୮ଟି ପଞ୍ଚାୟତକୁ ନେଇ ଆୟୋଜିତ କର୍ମଶାଳା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭାଗୀରଥି ରେଡ୍ଡିଙ୍କ ନେତୃତ୍ୱରେ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସୁବଳୟା ସମିତିସଭ୍ୟ ସୁରଥ ପାହାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିର ଜିଲ୍ଲାପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଧନଞ୍ଜୟ ରେଡ୍ଡି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅନିଲ କୁମାର ସାହୁ ଓ ମନୋଜ କୁମାର ପାଢୀ, ମହିଳା ମୋର୍ଚ୍ଚା ଉପସଭାପତି ସ୍ୱର୍ଣ୍ଣବାଳା ବିଶୋଇ, ବ୍ଲକ ସମ୍ପାଦକ ଉମା ଜେନା, କୃଷ୍ଣ ଚନ୍ଦ୍ର ପଲାଇ, କୃଷକ ମୋର୍ଚ୍ଚା ରଘୁନାଥ ସାହୁ, ପ୍ରଭାତ କୁମାର ସେଠୀ, ନିରଞ୍ଜନ ରେଡ୍ଡି, କୈଳାଶ ଚନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ବେହେରା, ଚନ୍ଦ୍ର ମୋହନ ସାହୁ, କେଦାର ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର ପ୍ରମୁଖ ଦଳୀୟ ସରପଞ୍ଚ ସମିତିସଭ୍ୟ ଓ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକ ଲୋକାଭିମୁଖୀ ହୋଇପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରିବା ସହ ଗ୍ରାମାଞ୍ଚଳ ମାନଙ୍କରେ ବିଜେଡି ସଂଗଠନ କିପରି ସୁଦୃଢ଼ ହୋଇପାରିବ ଏବଂ ଆଗାମୀ ସାଧାରଣ ନିର୍ବାଚନରେ ପୁଣି ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀକୁ ଅକ୍ତିଆର କରିବ ସେନେଇ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ । ଏହି କର୍ମଶାଳାରେ ବ୍ଲକର ଅନ୍ୟାନ୍ୟ ବିଜେଡି ନେତା, କର୍ମୀଙ୍କ ସମେତ ବହୁମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

୮୦ ଲିଟର ମଦ ଜବତ : ୨ ଗିରଫ

ଆସିକା, ନ୍ୟୁଜ୍ ବ୍ୟୁରୋ

ଆସିକା ବସ୍‌ଷ୍ଟାଣ୍ଡ ସ୍ଥିତ ରାଜସ୍ୱ ବଙ୍ଗଳା ନିକଟରେ ଥିବା ଏରୋଗୋଲା ବସ୍ ଉପରେ ପୁଲିସ ଚଢ଼ଉ କରି ଚୋରାମଦ ବିକ୍ରି କରୁଥିବା ଅଭିଯୋଗରେ ଏମ୍. ଜମ୍ପା ଏବଂ ଡି. ଦୁର୍ଗାଙ୍କୁ ଗିରଫ କରିବା ସହ ଉଭୟଙ୍କ ଠାରୁ ୮୦ ଲିଟର ମଦ ଜବତ କରିଛି । ପରେ ଉଭୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି ।

ଉତ୍କଳମଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଦିନ ଗୋସାଣି ନୂଆଗାଁ ସ୍ଥିତି ଉତ୍କଳମଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି କେ. .କ୍ରୀଷ୍ଣାମୂର୍ତ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ । ସ୍ଥାନୀୟ ଅତିଥି (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ) ରଘୁନାଥ ପାଇକ, ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ଦାସ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ମମତା ଦାସ, ଉପାଧ୍ୟକ୍ଷ ବିନୋଦ ଚନ୍ଦ୍ର ମାହାକୁଡ, ରାଧା ବଲ୍ଲବ ପଟ୍ଟନାୟକ ମଞ୍ଚାସୀନ ଥିଲେ । ବାର୍ଷିକ କ୍ରୀଡ଼ା, ବିଜ୍ଞାନ, ସାଧାରଣ ଜ୍ଞାନରେ କୃତିତ୍ୱ ଲାଭ କରିଥିବା ଓ ବୃତ୍ତି ଆଦର୍ଶ, ନବୋଦୟରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ ପୂର୍ବକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଥିଲା । ଶ୍ୟାମଳୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଳା ଦାସ ବିବରଣୀ ପାଠ କରିଥିଲେ । ବିନୋଦ ଚନ୍ଦ୍ର ମହାକୁଡ ପରିଚାଳନା କରିଥିଲେ । ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ଅଭିବାବକ ଉକ୍ତ ଉତ୍ସବରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଗୋପବନ୍ଧୁ ଧନ୍ୟବାଦ ଅର୍ପଣ କରିଥିଲେ ।